Government of Odisha
Commerce & Transport (Transport) Department
***

# RESOLUTION

## No. LC-TR-40/2014 (Pt.)/1079/T

## Bhubaneswar dated the 13th Feb. 2015.

## SUBJECT: ROAD SAFETY POLICY OF ODISHA- 2015

### 1.0. PREAMBLE:

The road accident scenario in Odisha causes a great concern. More than 10 persons die every day due to accidents. While fatal accidents cause loss of invaluable human life, all accidents cause pain, grief and misery as well as economic loss. The increasing number of accidents, loss of lives and resources necessitate the State Government to frame policy on Road Safety.

The Government of Odisha is keen to take concerted measures to control the incidence of road accidents and ensure safe travel for all road users. Accordingly, the Government of Odisha feel the need to formulate and enunciate this separate Road Safety Policy which will act as a guide to the concerned Departments and to the public.

### 2.0. VISION:

A safe road network for all road users, with priority to pedestrians and cyclists, to achieve zero road accidents in the long run.

### 3.0. MISSION:

Reduce road accidents by 20% and fatalities by 20% by 2020.

### 4.0. OBJECTIVE:

- Improving road engineering and design, increasing, awareness, providing emergency care and strict enforcement on road.
- Design, develop and implement an Accident Information System to enable crash management in the state in the next two years.
- Provide a framework for undertaking coordinated actions and corrective measures by all concerned Departments
- Provide the basis for accountability, evaluation, funding and research.
- Achieve 10 percent reduction in fatalities and injuries caused due to road accidents in next 3 years.

## 5.0. IMPLEMENTATION STRATEGY:

Road Safety is a multi-disciplinary problem, and therefore, it is important that inter-departmental and coordinated approaches are required for sustainable reduction of road accidents and fatalities in the State. For effective implementation, Road Safety Council has been formed in Odisha vide Gazette notification No. 1146, dt.18.06.2001 under the Chairmanship of the Minister, Commerce & Transport, Odisha. The Council comprises members from Home, Works, Transport, Health & Family Welfare, School & Mass Education Departments along with representatives from voluntary organizations. The Council advises on all matters pertaining to the following:

- Planning and co-ordination of policies and practices
- Standards of safety in the road transport sector
- Formulate and recommend road safety programmes for implementation
- Suggest areas for research and development to improve safety aspects
- Monitor and control the road safety measures undertaken in the State.

Apart from the above, District Road Safety Committee has been formed in each district under the chairmanship of Collector and District Magistrate as Chairman for implementation of the Road Safety schemes.

## 6.0. ACTION:

Government of Odisha will create an effective institutional mechanism to strengthen the Road Safety measures in the State and provide necessary support structures to enable each institution to play its role effectively. Some of the key actions to be undertaken are as follows:

### 6.1. Strengthen Road Crash Database System:

The Odisha Police, through its State Crime Record Bureau (SCRB), collects crash data on number of accidents occurred, accidents severity, types of vehicle involved . causes of accidents etc. However, the crash data collected presently is not very useful in understanding the general pattern and trends of crashes as they do not contribute to the holistic analysis of crashes and further development of effective road safety interventions. As such crash data is key source of information for Government, Citizens, planners, facilitators and researchers, Government of Odisha is working towards development of database management system. Following will be the key activities to improve the database.

- Create a database to fit the requirements of Home, Works, Transport, Health & Family Welfare, Housing & Urban Development Department and Research Institutions.
- All Trauma Care Centres, District Hospitals, 108 Ambulance Services to be connected to the data base.
- Interfaces to be provided with VAHAN and SARATHI database of the State

- Provide Business Analytics capability for in-depth accident analysis, investigation and reporting
- GIS & GPS enablement for real time tracking

**6.2. Safe planning and design of roads:**

The Government will take following measures for proper planning and design of roads:

- Periodically identify accident prone areas/ black spots on the basis of accident intensity and severity.
- Take corrective actions in the identified accident prone areas and on the identified black spots through proper planning, design and construction techniques.
- Carry out sustainable improvements in the road network of entire State and take necessary actions such as road markings on all NHs, SHs with warning signs, curve treatments, re-design, develop all major junctions with safer treatments, etc.
- Remove encroachments and obstructions affecting the full use of roads
- Construct wayside amenities/service centers on major road network etc. which will result in substantial reduction in road accidents/fatalities
- Introduce 'Traffic Calming' measures to physically reduce the speed in vulnerable stretches, near schools/ hospitals /markets / other busy community locations
- Form a road safety cell under Works Department to carry out the road safety activities
- Conduct Road safety management review by hiring independent agencies for all new capital and maintenance schemes
- Develop a handbook on 'Road Safety Design Guidelines' to be used by engineers at all levels in all road sector agencies covering urban and rural roads

**6.3. Safe Driving:**

Driver's error is a major cause of road accident and to address this issue, the Government intends to:-

- Undertake safety and awareness campaigns
- Enforce fastening of seat belts and wearing of helmets as per statutory rules
- Issuance of driving licenses from Automated Driving training Centers
- Issuance of 'Certificate of Fitness' for vehicles from automated Inspection and Certification centers
- Enforcement to check violation of basic safety requirements, drunken driving etc. and implement deterrent penal provisions including cancellation of driving license for repetitive offence

**6.4. Awareness, Education and Training for Road Users:**

Government of Odisha will undertake following activities to create Awareness and educate Road Users

- Make road safety education programmes mandatory in schools and colleges
- Conduct Road safety awareness training programmes for teachers, parents and citizens
- Road safety awareness training to be given to the drivers before the issuance of driving license
- Organize campaigns and orientation programmes for all categories of road users and make them aware of their respective responsibilities
- Special emphasis on safety of vulnerable groups like school children, the disabled and senior citizens

### 6.5. Enforcement of Safety Laws:

Government of Odisha will take appropriate measures to strengthen and improve the quality of enforcement in order to ensure effective and uniform implementation across the State

- Upgrade the vehicles with latest equipments/ gadgets to implement effective traffic management and enforcement measures.
- Strengthen the police team conducting Highway Patrolling
- Enforce spot penalties, overloading of passenger vehicles, drunken driving, non-wearing of helmets and seat belts
- Provide continuous training to Traffic Police personnel
- Introduce Road safety as an agenda in monthly review or quarterly review
- Ensure greater accountability and introduce a system of recognition of meritorious service

### 6.6. Emergency Medical Services for Road Accidents:

The key principle is to provide first aid that will stabilize the injured during the so-called 'GOLDEN HOUR'. Government of Odisha has introduced 108 ambulance services in Odisha. Provision of ambulances with driver, helper and pharmacist/paramedic staff and establishment of trauma care centers along the NHs/SHs have been made in Odisha.

- Provision for Trauma care centers, Ambulances and Cranes at reasonable distance gaps on NH/SH for extending immediate clearance of road blockades at accident sites
- Develop fully equipped Trauma Care Centers along the NHs and SHs with life-saving equipments and facilities
- The Patrol Cars, crash rescue vehicles (CRV's) & Ambulances to operate synchronously as a "Crash Rescue Unit" through a central control and co-ordination system
- Promote involvement of private practitioners and hospitals in EMR and trauma care
- Maintain the access roads to each emergency care hospital comfortable, pothole free and free from roadside parking or obstructions

4

- Emergency vehicles to have preferred right on roads, which should be enforced to go to emergency care units of the hospitals as well as trauma centers.
- Implement cashless treatment for 48 hours in trauma care centers along NHs and SHs.
- Train all commercial vehicle drivers in First Aid trauma care.
- Casualty of all district equipped hospitals to provide Emergency Medical Services to trauma cases.
- 108 ambulances to be placed on NHs and SHs in every 50 KM distance between 2 identified trauma care units.

**6.7. Research for Road Safety:**

The Government of Odisha will promote research activity in road safety by identifying priority areas, funding of research initiatives and publication of reports in conferences, workshops & websites. The following activities will be carried out by Government of Odisha:

- Identify and nominate key institutes to carry out road safety research in the State
- Prepare priorities for research areas following an in-depth review of road safety data available from Road Crash Database System
- Strategy for implementing Road Safety initiatives in the State

**6.8. Strengthening Legal and Financial Environment for Road Safety:**

Road Safety measures require strengthening of legal provisions and enhanced funding support for its sustainability. Government of Odisha will undertake the following activities to ensure that the outcomes are achieved

- Review existing legislative set up including the potential updation required in the legal provisions for improving Road Safety
- Identify measures for augmenting funding for road safety
- Encourage private participation in the task of raising funds for road safety.

**6.9. Provision of corpus funds:**

- Private vehicle carrying an accident victim to a nearest hospital to be subsequently reimbursed by the Transport Commissioner, Odisha, Cuttack from available funds under "Road Safety Head" or Odisha Road Safety Society.

By order of the Governor

13/2/15

Commissioner-cum-Secretary to Government

Memo No_______ 1080/T. dated 13/02/15

Copy with its soft copy forwarded to the In-charge, Gazette Cell, C & T (Commerce) Department, Odisha Secretariat with a request to publish the Resolution in an extra ordinary issue of the Odisha Gazette and supply to (twenty) copies of this Notification to this Department.

The earlier Resolution No.LC-TR-40/2014(Pt.)/688/T dated the 3rd Feb.2015 issued by Commerce & Transport(Transport) Department and communicated to you vide Memo No.699 dated 03.02.2015 is superseded herewith.

13/2/15
Commissioner-cum-Secretary to Government

Memo No. 1081 /T. dated 13/02/15.

Copy along with its soft copy forwarded to the Head, State Portal Group, IT Centre, State Secretariat with a request to host the notification in the official Gazette.

Joint Secretary to Government
13/2/15

Memo No. 1082 /T. dated 13/02/15

Copy forwarded to All Departments / All Heads of Departments/ Transport Commissioner, Odisha, Cuttack/ CMD, OSRTC, Bhubaneswar/ D.G. & I.G. of Police, Odisha, Cuttack / P.D. NHAI, Bhubaneswar / Chief Engineer, N.H. Odisha, Bhubaneswar/ Chief Engineer, Roads, Odisha, Bhubaneswar / A.G. ( Audit & Accounts), Odisha, Bhubaneswar / All District Magistrates & Collectors / All Deputy Commissioner Transport / STAT, Odisha, Cuttack / Registrar, Odisha High Court, Cuttack / Secretary, O.L.A. Bhubaneswar / All Regional Transport Officers/ Addl. RTOs / All Asst RTOs for kind information.

13/2
Joint Secretary to Government

Memo No. 1083 /T. dated 13/02/15

Copy forwarded to the Private Secretary to Hon'ble Minister, Commerce & Transport/ Private Secretary to Chief Secretary Odisha / Private Secretary to D.C.-cum-ACS, Odisha for kind information of Hon'ble Minister, Commerce & Transport/ Chief Secretary Odisha/ D.C.-cum-ACS, Odisha.

13/2
Joint Secretary to Government

Memo No. 1084 /T. dated 13/02/15

Copy forwarded to the Joint Secretary to Government of India, Ministry of Road Transport & Highways, New Delhi / All State Governments/ U.Ts ( dealing with Motor Transport) for information.

Joint Secretary to Government
13/2

Memo No. 1085 /T. dated 13/02/15

Copy forwarded to all Sections / Guard file.

Joint Secretary to Government
13/2/15

7

# ଓଡ଼ିଶା ସରକାର
# ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ
# ସଂକଳ୍ପ

**କ୍ରମାଙ୍କ : ଏଲ୍‌ସି-ଟିଆର୍‌-୪୦/୨୦୧୪ (ପି.ଟି)/୧୦୭୯/ଟି**

**ଭୁବନେଶ୍ୱର, ତା ୧୩.୦୨.୨୦୧୫**

**ବିଷୟ : ଓଡ଼ିଶାର ସଡ଼କ ନିରାପତ୍ତା ନୀତି - ୨୦୧୫**

## ୧.୦ : ମୁଖବନ୍ଧ :

ଓଡ଼ିଶାରେ ସଡ଼କ ଦୁର୍ଘଟଣା ଦୃଶ୍ୟପଟ ଉଦ୍‌ବେଗର କାରଣ ଅଟେ। ଆମ ରାଜ୍ୟରେ ଦୈନିକ ହାରାହାରି ୧୦ରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଗୁରୁତର ଦୁର୍ଘଟଣାରେ ଅନେକ ଅମୂଲ୍ୟ ଜୀବନ ଅକାଳରେ ଝଡ଼ି ପଡ଼ିବା ସହ ସମସ୍ତ ପ୍ରକାର ଦୁର୍ଘଟଣା ଶାରୀରିକ ଓ ମାନସିକ ଯନ୍ତ୍ରଣା, ଦୁଃଖ-ଦୁର୍ଦ୍ଦଶା ତଥା ଆର୍ଥିକ କ୍ଷତିର କାରଣ ହୋଇଥାଏ। ବର୍ଦ୍ଧିଷ୍ଣୁ ସଡ଼କ ଦୁର୍ଘଟଣା ଓ ତତ୍‌ଜନିତ ମୂଲ୍ୟବାନ ଜୀବନ ହାନି ଓ ସମ୍ବଳର କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଏକ ସଡ଼କ ନିରାପତ୍ତା ନୀତି ପ୍ରଣୟନ କରିବାର ଆବଶ୍ୟକତା ରହିଛି।

ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ କରିବା ତଥା ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ନିରାପଦ ଯାତ୍ରା ନିମନ୍ତେ ସମନ୍ୱିତ ପଦକ୍ଷେପ ନେବାକୁ ଓଡ଼ିଶା ସରକାର ଉଦ୍ୟମରତ। ତଦନୁସାରେ ରାଜ୍ୟ ସରକାର ଏହି ସ୍ୱତନ୍ତ୍ର ସଡ଼କ ନିରାପତ୍ତା ନୀତି ପ୍ରଣୟନର ଆବଶ୍ୟକତା ଅନୁଭବ କରିଛନ୍ତି, ଯାହାକି ସଡ଼କ ନିରାପତ୍ତା ସହ ସଂପୃକ୍ତ ସମସ୍ତ ସରକାରୀ ବିଭାଗ ତଥା ଜନସାଧାରଣଙ୍କ ନିମନ୍ତେ ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରିବ।

## ୨.୦ : ମାନସ ଚିତ୍ର (ଭିଜନ) :

'ଶୂନ୍ୟ ଦୁର୍ଘଟଣା' ଲକ୍ଷ ହାସଲ ପାଇଁ ସମସ୍ତ ସଡ଼କ ବ୍ୟବହାରକାରୀ, ବିଶେଷ କରି ପଦଚାରୀ ସାଇକେଲ୍ ଆରୋହୀଙ୍କ ପାଇଁ ଏକ ଦୀର୍ଘମିଆଦି ସଡ଼କ ବ୍ୟବସ୍ଥା ପ୍ରଚଳନ।

## ୩.୦ : ମିଶନ :

୨୦୨୦ ମସିହା ସୁଦ୍ଧା ସଡ଼କ ଦୁର୍ଘଟଣା ଓ ତତ୍‌ଜନିତ ମୃତ୍ୟୁ ସଂଖ୍ୟାରେ ଶତକଡ଼ା ୨୦ ଭାଗ ହ୍ରାସ।

## ୪.୦ : ଉଦ୍ଦେଶ୍ୟ

* ସଡ଼କ ନିର୍ମାଣର ଯାନ୍ତ୍ରିକ ଜ୍ଞାନ ଓ ନକ୍ସାରେ ଉନ୍ନତି, ସଚେତନତା ବୃଦ୍ଧି, ଜରୁରୀକାଳୀନ ସେବା ପ୍ରଦାନ ଓ ସଡ଼କରେ କଡ଼ାକଡ଼ି ଯାଞ୍ଚ ବ୍ୟବସ୍ଥା।
* ରାଜ୍ୟରେ ଆଗାମୀ ୨ ବର୍ଷରେ ଦୁର୍ଘଟଣା ପରିଚାଳନା ପାଇଁ ଏକ 'ଦୁର୍ଘଟଣା ସୂଚନା ପଦ୍ଧତି'ର ପରିକଳ୍ପନା, ବିକାଶ ଓ ରୂପାୟନ।
* ସମସ୍ତ ସଂପୃକ୍ତ ବିଭାଗ ଦ୍ୱାରା ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଓ ତ୍ରୁଟି ସୁଧାର ପଦକ୍ଷେପ ଗ୍ରହଣ ନିମନ୍ତେ ଏକ ଢାଞ୍ଚା ପ୍ରସ୍ତୁତି।
* ଉତ୍ତରଦାୟିତ୍ୱ, ମୂଲ୍ୟାଙ୍କନ, ପାଣ୍ଠି ଯୋଗାଣ ଓ ଗବେଷଣା ପାଇଁ ଭିତ୍ତିଭୂମି ପ୍ରସ୍ତୁତି।
* ଆଗାମୀ ୩ ବର୍ଷରେ ସଡ଼କ ଦୁର୍ଘଟଣାରେ ଘଟୁଥିବା ମୃତ୍ୟୁ ଓ ଆହତ ସଂଖ୍ୟାରେ ଶତକଡ଼ା ୧୦ ଭାଗ ହ୍ରାସ।

## ୫.୦ : କାର୍ଯ୍ୟ ନିର୍ବାହର ଉପାୟ କୌଶଳ :

ସଡ଼କ ନିରାପତ୍ତା ଏକ ବହୁମୁଖୀ ସମସ୍ୟା ହୋଇଥିବାରୁ ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟାର ନିରନ୍ତର ହ୍ରାସ କରିବା ପାଇଁ ବିଭିନ୍ନ ବିଭାଗର ସମନ୍ୱିତ ପଦକ୍ଷେପ ଓ ଦୃଷ୍ଟିକୋଣ ଏକାନ୍ତ ଆବଶ୍ୟକ। ସଡ଼କ ନିରାପତ୍ତା ନୀତିର ଫଳପ୍ରଦ ରୂପାୟନ ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରେ ଏକ 'ସଡ଼କ ନିରାପତ୍ତା ପରିଷଦ' ଗଠନ କରାଯାଇଛି, ଯାହାକି ରାଜପତ୍ର ବିଜ୍ଞପ୍ତି ନଂ.୧୧୪୬ ତା୧୮.୦୬.୨୦୦୧ରେ ପ୍ରକାଶିତ ହୋଇଛି। ଗୃହ, ପୂର୍ତ୍ତ, ପରିବହନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ମାନଙ୍କୁ ନେଇ ଏହି ପରିଷଦ ଗଠନ କରାଯାଇଛି। ଏହି ପରିଷଦର ମୁଖ୍ୟ କାର୍ଯ୍ୟ ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ;

* ସଡ଼କ ନିରାପତ୍ତା ନୀତି ଓ କାର୍ଯ୍ୟର ଯୋଜନା ଓ ସମନ୍ୱୟ।
* ସଡ଼କ ପରିବହନ କ୍ଷେତ୍ରରେ ନିରାପତ୍ତାର ମାନଦଣ୍ଡ।
* ସଡ଼କ ନିରାପତ୍ତା କାର୍ଯ୍ୟକ୍ରମ ଗୁଡ଼ିକର ପ୍ରସ୍ତୁତି, ରୂପାୟନ ଓ ସୁପାରିଶ।
* ନିରାପତ୍ତା ଦିଗର ଉନ୍ନତି ନିମନ୍ତେ ଗବେଷଣା ଓ ଉନ୍ନୟନର ପରାମର୍ଶ।
* ରାଜ୍ୟରେ ପ୍ରଚଳିତ ବିଭିନ୍ନ ସଡ଼କ ନିରାପତ୍ତା ପଦକ୍ଷେପର ତଦାରଖ ଓ ନିୟନ୍ତ୍ରଣ।

ଏହା ବ୍ୟତୀତ ସଡ଼କ ନିରାପତ୍ତା ଯୋଜନା ଗୁଡ଼ିକର ରୂପାୟନ ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ **'ଜିଲ୍ଲା ସଡ଼କ ନିରାପତ୍ତା କମିଟି'** ଗଠନ କରାଯାଇଛି।

## ୬.୦ : କାର୍ଯ୍ୟାନୁଷ୍ଠାନ :

ରାଜ୍ୟରେ ସଡ଼କ ନିରାପତ୍ତା ପଦକ୍ଷେପ ଗୁଡ଼ିକୁ ମଜଭୁତ କରିବାକୁ ଓ ଆବଶ୍ୟକ ସମର୍ଥନ ଢାଞ୍ଚା ଯୋଗାଇଦେବାକୁ ଓଡ଼ିଶା ସରକାର ଏକ ଫଳପ୍ରଦ ଆନୁଷ୍ଠାନିକ ବ୍ୟବସ୍ଥା ସୃଷ୍ଟି କରିବେ, ଯାହା ଫଳରେ ପ୍ରତ୍ୟେକ ଅନୁଷ୍ଠାନ ନିଜର ଭୂମିକା ସଫଳ ଭାବେ ତୁଲାଇ ପାରିବେ। ଏ ସମ୍ବନ୍ଧରେ ନିଆଯିବାକୁ ଥିବା କେତେଗୁଡ଼ିଏ ପ୍ରମୁଖ କାର୍ଯ୍ୟାନୁଷ୍ଠାନ ନିମ୍ନରେ ପ୍ରଦତ୍ତ କରାଯାଉଛି।

## ୬.୧ : ସଡ଼କ ଦୁର୍ଘଟଣା ଡାଟାବେସ୍ ବ୍ୟବସ୍ଥାର ଦୃଢ଼ୀକରଣ :

ଓଡ଼ିଶା ପୋଲିସ୍ ରାଜ୍ୟ ଅପରାଧ ରେକର୍ଡ଼ ବ୍ୟୁରୋ ମାଧ୍ୟମରେ ସଡ଼କ ଦୁର୍ଘଟଣା ସମ୍ବନ୍ଧିତ ବିଭିନ୍ନ ତଥ୍ୟ ଯଥା ଦୁର୍ଘଟଣା ସଂଖ୍ୟା, ଦୁର୍ଘଟଣାର କାରଣ, ଦୁର୍ଘଟଣାର ତୀବ୍ରତା ଓ ଏଥିରେ ସମ୍ପୃକ୍ତ ଯାନ ଇତ୍ୟାଦିର ତଥ୍ୟ ସଂଗ୍ରହ କରିଥାନ୍ତି। ମାତ୍ର ଏବେ ସଂଗୃହୀତ ଦୁର୍ଘଟଣା ସମ୍ବନ୍ଧିତ ତଥ୍ୟରୁ ଦୁର୍ଘଟଣାର ଢାଞ୍ଚା ଓ ଧାରା ବୁଝିବାରେ ବିଶେଷ ଉପଯୋଗୀ ହେଉନାହିଁ, ଯେହେତୁ ଦୁର୍ଘଟଣା ଗୁଡ଼ିକର ସାମଗ୍ରିକ ବିଶ୍ଳେଷଣ ଓ ଫଳପ୍ରଦ ସଡ଼କ ନିରାପତ୍ତା ପଦକ୍ଷେପର ବିକାଶରେ ଏହାର ସେପରି କୌଣସି ଯୋଗଦାନ ନାହିଁ। ଯେହେତୁ ଏପରି ଦୁର୍ଘଟଣା ତଥ୍ୟ ସରକାର, ନାଗରିକ, ଯୋଜନାପ୍ରଣୟନକାରୀ, ଗବେଷକଙ୍କ ପାଇଁ ସୂଚନାର ମୁଖ୍ୟ ଉତ୍ସ, ତେଣୁ ସେ ଦୃଷ୍ଟିରୁ ଓଡ଼ିଶା ସରକାର ଡାଟାବେସ୍ ପରିଚାଳନା ବ୍ୟବସ୍ଥାର ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ଡାଟାବେସ୍‌ର ଉନ୍ନତି ପାଇଁ ନିମ୍ନଲିଖିତ ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯିବ :

* ଗୃହ, ପୂର୍ତ୍ତ, ପରିବହନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତଥା ଗବେଷଣା ଅନୁଷ୍ଠାନ ଗୁଡ଼ିକର ଆବଶ୍ୟକତା ଗ୍ରହଣ କରିପାରୁଥିବା ଡାଟାବେସ୍ ସୃଷ୍ଟି।
* ସମସ୍ତ ମାନସିକ ଆଘାତ ନିବାରଣ କେନ୍ଦ୍ର, (ଟ୍ରମା କେୟାର ସେଣ୍ଟର) ଜିଲ୍ଲା ଚିକିତ୍ସାଳୟ ଓ ୧୦୮ ଆମ୍ବୁଲାନ୍ସ ସେବା ଏହି ଡାଟାବେସ୍ ସହ ସମ୍ପୃକ୍ତ ହେବେ।
* ରାଜ୍ୟର 'ବାହନ' ଓ 'ସାରଥି' ଡାଟାବେସ୍ ସହ ଇଣ୍ଟରଫେସ୍ ଯୋଗାଇ ଦିଆଯିବ।
* ଦୁର୍ଘଟଣାର ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା, ତଦନ୍ତ ଓ ପ୍ରକାଶନ ପାଇଁ ବ୍ୟବସାୟିକ ବିଶ୍ଳେଷଣ ଯୋଗାଇ ଦିଆଯିବ।
* ରିୟଲ୍ ଟାଇମ୍ ଟ୍ରାକିଂ ପାଇଁ ଜିଆଇଏସ୍ ଓ ଜିପିଏସ୍ ଉପଯୋଗ।

## ୬.୨ : ସଡ଼କ ଗୁଡ଼ିକର ନିରାପଦ ଯୋଜନା ଓ ନକ୍ସାର ରୁପରେଖ :

ସଡ଼କ ଗୁଡ଼ିକର ଉପଯୁକ୍ତ ଯୋଜନା ଓ ରୁପରେଖ ନିମନ୍ତେ ସରକାର ନିମ୍ନଲିଖିତ ପଦକ୍ଷେପ ନେବେ :

* ଦୁର୍ଘଟଣାର ତୀବ୍ରତା ଓ ଭୟାବହତା ଆଧାରରେ ନିୟମିତ ବ୍ୟବଧାନରେ ଦୁର୍ଘଟଣା ପ୍ରବଣ ଅଞ୍ଚଳର ଚିହ୍ନଟ।
* ଉପଯୁକ୍ତ ଯୋଜନା, ନକ୍ସା ଓ ନିର୍ମାଣ କୌଶଳ ମାଧ୍ୟମରେ ଚିହ୍ନିତ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ତ୍ରୁଟି ନିରାକରଣ ପଦକ୍ଷେପ ନିଆଯିବ।
* ସମଗ୍ର ରାଜ୍ୟରେ ସଡ଼କ ବ୍ୟବସ୍ଥାର ଉନ୍ନତି ପାଇଁ ନିରନ୍ତର ଉଦ୍ୟମ କରାଯିବ ଓ ଏଥିପାଇଁ ସମସ୍ତ ଜାତୀୟ ଓ ରାଜ୍ୟ ରାଜପଥରେ ସାବଧାନତା ସଂକେତ ସହ ସଡ଼କ ଚିହ୍ନ ଦିଆଯିବ, ମୋଡ଼ ମାନଙ୍କରେ ଥିବା ତ୍ରୁଟିର ନିରାକରଣ କରାଯାଇ ସମସ୍ତ ପ୍ରମୁଖ ଜଙ୍କସନ୍ ଗୁଡ଼ିକର ପୁନଃ ରୁପରେଖ (design) ବିକାଶ  କରାଯିବ।
* ସଡ଼କ ଗୁଡ଼ିକର ସମ୍ପୂର୍ଣ୍ଣ ବ୍ୟବହାରକୁ ପ୍ରଭାବିତ କରୁଥିବା ଜବରଦଖଲ ଓ ଅବରୋଧ ଉଚ୍ଛେଦ।
* ମୁଖ୍ୟ ସଡ଼କ ଗୁଡ଼ିକରେ ରାସ୍ତା ପାର୍ଶ୍ୱ ସୁବିଧା / ସେବାକେନ୍ଦ୍ର ନିର୍ମାଣ କରାଯିବ, ଯାହାକି ସଡ଼କ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ କରିବାରେ ଫଳପ୍ରଦ ହୋଇପାରିବ।
* ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବିଦ୍ୟାଳୟ, ଚିକିତ୍ସାଳୟ, ବଜାର ଓ ଅନ୍ୟ ବ୍ୟସ୍ତବହୁଳ ସ୍ଥାନମାନଙ୍କରେ ଦ୍ରୁତ ଗାଡ଼ି ଚାଳନା ରୋକିବା ପାଇଁ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବ।
* ସଡ଼କ ନିରାପତ୍ତା ବ୍ୟବସ୍ଥା ଚାଲୁ ରଖିବା ପାଇଁ ପୂର୍ତ୍ତ ବିଭାଗ ଅଧିନରେ ଏକ **'ସଡ଼କ ନିରାପତ୍ତା ସେଲ୍'** ଗଠନ କରାଯିବ।
* ସମସ୍ତ ନୂତନ ପୁଞ୍ଜି ଓ ରକ୍ଷଣାବେକ୍ଷଣ ସ୍କିମ୍ ପାଇଁ ନିରପେକ୍ଷ ସଂସ୍ଥା ଦ୍ୱାରା ସଡ଼କ ନିରାପତ୍ତା ପରିଚାଳନା ସମୀକ୍ଷା କରାଯିବ।
* ସହରାଞ୍ଚଳ ଓ ଗ୍ରାମାଞ୍ଚଳ ରାସ୍ତା ନିର୍ମାଣରେ ସମ୍ପୃକ୍ତ ଥିବା ଯନ୍ତ୍ରୀମାନଙ୍କ ବ୍ୟବହାର ନିମନ୍ତେ ସଡ଼କ ନିରାପତ୍ତା ନକ୍ସା ମାର୍ଗଦର୍ଶିକା ପୁସ୍ତକର ବିକାଶ କରାଯିବ।

## ୬.୩ : ନିରାପଦ ଗାଡ଼ି ଚାଳନା :

ଗାଡ଼ି ଚାଳକମାନଙ୍କର ତ୍ରୁଟି ସଡ଼କ ଦୁର୍ଘଟଣାର ଏକ ମୁଖ୍ୟ କାରଣ ଏବଂ ଏହାର ନିରାକରଣ ନିମନ୍ତେ ସରକାର ନିମ୍ନଲିଖିତ କାର୍ଯ୍ୟ କରିବେ :

* ନିରାପତ୍ତା ଓ ସଚେତନତା ପ୍ରଚାର ଅଭିଯାନ।
* ବୈଧାନିକ ନିୟମ ଅନୁସାରେ ସିଟ୍ ବେଲ୍ଟ ବାନ୍ଧିବା ଓ ହେଲ୍‌ମେଟ୍ ପିନ୍ଧିବାର କଡ଼ାକଡ଼ି ପାଳନ।
* ସ୍ୱୟଂଚାଳିତ ଗାଡ଼ିଚାଳନା ପ୍ରଶିକ୍ଷଣ କେନ୍ଦ୍ରରୁ ଗାଡ଼ିଚାଳନା ଲାଇସେନ୍ସ ପ୍ରଦାନ।
* ସ୍ୱୟଂକ୍ରିୟ ନିରୀକ୍ଷଣ ଓ ପ୍ରମାଣିକ କେନ୍ଦ୍ରରୁ ଯାନ ଗୁଡ଼ିକର ଫିଟ୍‌ନେସ୍ ସାର୍ଟିଫିକେଟ୍ ପ୍ରଦାନ।
* ମୌଳିକ ନିରାପତ୍ତା ନିୟମର ଉଲଂଘନ ଓ ନିଶାସକ୍ତ ହୋଇ ଗାଡ଼ି ଚାଳନା ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ତଥା ବାରମ୍ବାର ନିୟମ ଉଲଂଘନ କରି ଗାଡ଼ିଚାଳନା ପାଇଁ ଲାଇସେନ୍ସ ରଦ୍ଦ ପରି ନିବର୍ତ୍ତକ ଦଣ୍ଡ ବ୍ୟବସ୍ଥା ଲାଗୁ।

## ୬.୪ : ସଡ଼କ ବ୍ୟବହାରକରୀଙ୍କ ସଚେତନତା, ଶିକ୍ଷା ଓ ପ୍ରଶିକ୍ଷଣ :

ସଡ଼କ ବ୍ୟବହାରୀକାରୀଙ୍କ ଶିକ୍ଷା ଓ ସଚେତନତା ପାଇଁ ଓଡ଼ିଶା ସରକାର ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବେ :

* ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ସଡ଼କ ନିରାପତ୍ତା ବିଷୟକ ଶିକ୍ଷାକୁ ବାଧ୍ୟତାମୂଳକ କରାଯିବ।
* ଶିକ୍ଷକ, ଅଭିଭାବକ ଓ ଜନସାଧାରଣଙ୍କ ପାଇଁ ସଡ଼କ ନିରାପତ୍ତା ସଚେତନତା ତାଲିମ କାର୍ଯ୍ୟକ୍ରମ କରାଯିବ।
* ଗାଡ଼ିଚାଳନା ଲାଇସେନ୍ସ ପ୍ରଦାନ ପୂର୍ବରୁ ଚାଳକମାନଙ୍କୁ ସଡ଼କ ନିରାପତ୍ତା ସଚେତନତା ତାଲିମ ଦିଆଯିବ।
* ସମସ୍ତ ପ୍ରକାର ସଡ଼କ ବ୍ୟବହାରୀକାରୀମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଓ ଅଭିଯାନ ଆୟୋଜନ କରାଯିବ ଓ ସେମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନ କରାଯିବ।
* ବିଦ୍ୟାଳୟ ଛାତ୍ରଛାତ୍ରୀ, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପରି ବିପଦଶଙ୍କୁଳ ଶ୍ରେଣୀଙ୍କ ନିରାପତ୍ତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

## ୬.୫ : ନିରାପତ୍ତା ଆଇନ ଗୁଡ଼ିକର କଡ଼ାକଡ଼ି ପାଳନ :

ଯାଞ୍ଚ ଓ ଚଢ଼ାଉ ବ୍ୟବସ୍ଥାକୁ ସୁଦୃଢ଼ ତଥା ଉନ୍ନତ କରିବା ପାଇଁ ଓଡ଼ିଶା ସରକାର ସମଗ୍ର ରାଜ୍ୟରେ ଗୋଟିଏ ଏକକ କାର୍ଯ୍ୟପନ୍ଥା ଅବଲମ୍ବନ କରିବାକୁ ବିହିତ ପଦକ୍ଷେପ ନେବେ।

* ଫଳପ୍ରଦ ଟ୍ରାଫିକ ପରିଚାଳନା ଓ କଡ଼ାକଡ଼ି ନିୟମ ପାଳନ ପଦକ୍ଷେପର କାର୍ଯ୍ୟକାରିତା ପାଇଁ ଯାନବାହନ ଗୁଡ଼ିକରେ ଅତ୍ୟାଧୁନିକ ଉପକରଣ ବ୍ୟବହାର ଦ୍ୱାରା ଏଗୁଡ଼ିକର ଉନ୍ନତିକରଣ।
* ରାଜପଥ ଗୁଡ଼ିକରେ ପାଟ୍ରୋଲିଂ କରୁଥିବା ପୋଲିସ୍ ଟିମ୍ ଗୁଡ଼ିକର ଶଶକ୍ତିକରଣ।
* ଯାତ୍ରୀବାହୀ ଯାନରେ ଅଧିକ ଯାତ୍ରୀ ପରିବହନ, ନିଶାସକ୍ତ ହୋଇ ଗାଡ଼ି ଚାଳନା, ହେଲ୍‌ମେଟ୍ ଓ ସିଟ୍ ବେଲ୍ଟ ବ୍ୟବହାର ନକରିବା ଆଦି ନିୟମ ଉଲ୍ଲଂଘନ ପାଇଁ ଘଟଣା ସ୍ଥଳରେ ଦଣ୍ଡ ଓ ଜୋରିମାନା ଆଦାୟ।

* ଟ୍ରାଫିକ ପୋଲିସ୍ କର୍ମଚାରୀମାନଙ୍କୁ ନିରନ୍ତର ତାଲିମ ପ୍ରଦାନ।
* ମାସିକ କିମ୍ବା ତ୍ରୈମାସିକ ସମୀକ୍ଷାରେ ସଡ଼କ ନିରାପତ୍ତାକୁ ଏକ କାର୍ଯ୍ୟସୂଚୀ ରୂପେ ସ୍ଥାନିତ କରିବା।
* ଅଧିକ ଉତ୍ତରଦାୟିତ୍ୱତାକୁ ସୁନିଶ୍ଚିତ କରିବା ଓ ଉତ୍ତମ ସେବାକୁ ସ୍ୱୀକୃତି ଦେବା।

## ୬.୬ : ସଡ଼କ ଦୁର୍ଘଟଣା ପାଇଁ ଜରୁରୀକାଳୀନ ଚିକିତ୍ସା ସେବା :

ମୁଖ୍ୟ କଥା ହେଉଛି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ଯାହା ତଥାକଥିତ 'ଗୋଲଡ଼େନ୍ ଆୱାର' ରେ ଆହତ ବ୍ୟକ୍ତିଙ୍କ ଅବସ୍ଥାକୁ ସ୍ଥିର ରଖିବାରେ ସାହାଯ୍ୟ କରିଥାଏ। ଓଡ଼ିଶା ସରକାର ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ପ୍ରଚଳନ କରିଛନ୍ତି। ଓଡ଼ିଶାରେ ଜାତୀୟ ଓ ରାଜ୍ୟ ରାଜପଥଗୁଡ଼ିକରେ ମାନସିକ ଆଘାତ ଚିକିତ୍ସା କେନ୍ଦ୍ର (ଟ୍ରମା କେୟାର ସେଣ୍ଟର) ପ୍ରତିଷ୍ଠା କରାଯାଇଛି ଓ ଚାଳକ, ସହାୟକ ଓ ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀଥିବା ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି।

* ଜାତୀୟ ଓ ରାଜ୍ୟ ରାଜପଥଗୁଡ଼ିକରେ ଦୁର୍ଘଟଣା ସ୍ଥାନରୁ ତୁରନ୍ତ ଅବରୋଧ ହଟାଇବା ପାଇଁ କ୍ରେନ୍ ଓ ଦୁର୍ଘଟଣା ପୀଡ଼ିତଙ୍କୁ ତୁରନ୍ତ ସହାୟତା ଦେବାକୁ ଉପଯୁକ୍ତ ଦୂରତ୍ୱ ବ୍ୟବଧାନରେ ଆମ୍ବୁଲାନ୍ସ ଓ ଟ୍ରମା କେୟାର ସେଣ୍ଟରର ବ୍ୟବସ୍ଥା।
* ଜାତୀୟ ଓ ରାଜ୍ୟ ରାଜପଥଗୁଡ଼ିକରେ ଜୀବନ ରକ୍ଷାକାରୀ ଉପକରଣ ଓ ସୁବିଧାଯୁକ୍ତ ମାନସିକ ଆଘାତ ଚିକିତ୍ସା କେନ୍ଦ୍ର (ଟ୍ରମା କେୟାର ସେଣ୍ଟର) ଗୁଡ଼ିକର ବିକାଶ।
* ଏକ କେନ୍ଦ୍ରୀୟ ନିୟନ୍ତ୍ରଣ ଓ ସମନ୍ୱୟ ବ୍ୟବସ୍ଥା ମାଧ୍ୟମରେ ସମସ୍ତ ପେଟ୍ରୋଲିଂ କାର୍, ଦୁର୍ଘଟଣା ଉଦ୍ଧାରକାରୀ ଯାନ ଓ ଆମ୍ବୁଲାନ୍ସ ମିଳିତ ଓ ସମନ୍ୱିତ ଉପାୟରେ ଏକ 'ଦୁର୍ଘଟଣା ଉଦ୍ଧାର କେନ୍ଦ୍ର' ରୂପେ କାର୍ଯ୍ୟ କରିବେ।
* ଜରୁରୀ ଉଦ୍ଧାର କାର୍ଯ୍ୟ ଓ ମାନସିକ ଆଘାତ ସେବାରେ ବେସରକାରୀ ଚିକିତ୍ସକ ଓ ଚିକିତ୍ସାଳୟ ଗୁଡ଼ିକର ସମ୍ପୃକ୍ତିକୁ ପ୍ରୋତ୍ସାହନ।
* ଜରୁରୀ ସେବା ଉପଲବ୍ଧ ଥିବା ଚିକିତ୍ସାଳୟଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକୁ ଆରାମଦାୟକ କରିବା ତଥା ଅବରୋଧ, ଖାଲଖମା ଓ ରାସ୍ତାକଡ଼ ପାର୍କିଂରୁ ମୁକ୍ତ ରଖିବା।
* ଜରୁରୀକାଳୀନ ସେବା ଯୋଗାଉଥିବା ଯାନଗୁଡ଼ିକୁ ସଡ଼କରେ ଯାତାୟାତ କରିବାକୁ ଅଗ୍ରାଧିକାର; ଯାହା ଫଳରେ ସେଗୁଡ଼ିକ ଚିକିତ୍ସାଳୟର ଜରୁରୀ ସେବା ୟୁନିଟ୍ ଓ ଟ୍ରମା କେୟାର ସେଣ୍ଟରକୁ ସ୍ୱଚ୍ଛନ୍ଦରେ ଯାଇ ପାରିବେ।
* ଜାତୀୟ ଓ ରାଜ୍ୟ ରାଜପଥରେ ଥିବା ଟ୍ରମା କେୟାର ସେଣ୍ଟର ଗୁଡ଼ିକରେ ୪୮ ଘଣ୍ଟା ପାଇଁ ବିନା ଦେୟରେ ଚିକିତ୍ସା।
* ସମସ୍ତ ବ୍ୟବସାୟିକ ଯାନ ଚାଳକଙ୍କୁ ମାନସିକ ଆଘାତ ଚିକିତ୍ସା ଜନିତ ପ୍ରାଥମିକ ସେବାର ତାଲିମ ବ୍ୟବସ୍ଥା।
* ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଶୁ ଚିକିତ୍ସା କେନ୍ଦ୍ର ଦ୍ୱାରା ମାନସିକ ଆଘାତ ପିଡ଼ିତଙ୍କୁ ଜରୁରୀକାଳୀନ ସେବା ପ୍ରଦାନ।

* ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରତି ୫୦ କିଲୋମିଟର ଦୂରତ୍ୱରେ ଚିହ୍ନଟ ଦୁଇଟି ଟ୍ରମା କେୟାର ୟୁନିଟ୍ ମଧ୍ୟରେ ୧୦୮ ଆମ୍ବୁଲାନ୍ସ ରଖାଯିବାର ବ୍ୟବସ୍ଥା ।

## ୬.୭ : ସଡ଼କ ନିରାପତ୍ତା ପାଇଁ ଗବେଷଣା :

ଓଡ଼ିଶା ସରକାର ଅଗ୍ରାଧିକାର ଭିତ୍ତିଭୂମି ଚିହ୍ନଟ କରି, ଗବେଷଣା ଉଦ୍ୟମ ପାଇଁ ପାଣ୍ଠି ବ୍ୟବସ୍ଥା କରି ଏବଂ ସମ୍ମିଳନୀ, କର୍ମଶାଳା ଓ ୱେବସାଇଟ୍‌ରେ ରିପୋର୍ଟ ପ୍ରକାଶ କରି ସଡ଼କ ନିରାପତ୍ତାରେ ଗବେଷଣା କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବେ । ଏ ସମ୍ବନ୍ଧରେ ସରକାର ନିମ୍ନଲିଖିତ କାର୍ଯ୍ୟକ୍ରମ ଗ୍ରହଣ କରିବେ :

* ସଡ଼କ ନିରାପତ୍ତା ଗବେଷଣା କରିବା ପାଇଁ ରାଜ୍ୟର ମୁଖ୍ୟ ପ୍ରତିଷ୍ଠାନ ଗୁଡ଼ିକର ଚିହ୍ନଟ ଓ ଚୟନ ।
* ସଡ଼କ ଦୁର୍ଘଟଣା ଡ଼ାଟାବେସ୍ ବ୍ୟବସ୍ଥାରେ ଥିବା ସଡ଼କ ନିରାପତ୍ତା ତଥ୍ୟର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ଗବେଷଣା କ୍ଷେତ୍ର ପାଇଁ ଅଗ୍ରାଧିକାର ପ୍ରସ୍ତୁତି ।
* ରାଜ୍ୟରେ ସଡ଼କ ନିରାପତ୍ତା ଉଦ୍ୟମର କାର୍ଯ୍ୟକାରିତା ପାଇଁ ଉପାୟ ପ୍ରଣୟନ ।

## ୬.୮ : ସଡ଼କ ନିରାପତ୍ତା ପାଇଁ ଆଇନଗତ ଓ ଆର୍ଥିକ ପରିବେଶର ସୁଦୃଢ଼ୀକରଣ :

ସଡ଼କ ନିରାପତ୍ତା ପଦକ୍ଷେପ ଗୁଡ଼ିକ ପାଇଁ ଆଇନଗତ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ଏହାର ସ୍ଥାୟିତ୍ୱ ପାଇଁ ପାଣ୍ଠି ସହାୟତା ବୃଦ୍ଧି ଆବଶ୍ୟକ । ଏହାର ସଫଳତା ସୁନିଶ୍ଚିତ କରିବାକୁ ଓଡ଼ିଶା ସରକାର ନିମ୍ନଲିଖିତ କାର୍ଯ୍ୟକ୍ରମ ଗ୍ରହଣ କରିବେ ।

* ସଡ଼କ ନିରାପତ୍ତାର ଉନ୍ନତି ପାଇଁ ପ୍ରଚଳିତ ବିଧି ବ୍ୟବସ୍ଥାର ସମୀକ୍ଷା ଓ ଆଇନଗତ ବ୍ୟବସ୍ଥାର ଅଧୁନାତନ ପ୍ରକ୍ରିୟା ।
* ସଡ଼କ ନିରାପତ୍ତା ପାଇଁ ପାଣ୍ଠି ବୃଦ୍ଧି ନିମନ୍ତେ ପଦକ୍ଷେପ ।
* ସଡ଼କ ନିରାପତ୍ତା ପାଇଁ ପାଣ୍ଠି ସଂଗ୍ରହ କ୍ଷେତ୍ରରେ ବେସରକାରୀ ଯୋଗଦାନକୁ ପ୍ରୋତ୍ସାହନ ।

## ୬.୯ : କର୍ପସ ପାଣ୍ଠିର ବ୍ୟବସ୍ଥା :

ବେସରକାରୀ ଗାଡ଼ି ଦ୍ୱାରା ସଡ଼କ ଦୁର୍ଘଟଣାରେ ଆହତ କୌଣସି ବ୍ୟକ୍ତିଙ୍କୁ ନିକଟତମ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଇଲେ ଏ ବାବଦରେ ହୋଇଥିବା ଖର୍ଚ୍ଚକୁ ପରବର୍ତ୍ତୀ ସମୟରେ ପରିବହନ କମିଶନରଙ୍କ ଦ୍ୱାରା ସଡ଼କ ନିରାପତ୍ତା ପାଣ୍ଠିରୁ କିମ୍ବା ଓଡ଼ିଶା ସଡ଼କ ସୁରକ୍ଷା ସୋସାଇଟି ପାଣ୍ଠିରୁ ଭରଣା କରାଯିବ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**କମିଶନର ତଥା ଶାସନ ସଚିବ**
**ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର**